ଭି. କେ. ପାଲାନିୟାପା ଚେଟ୍ଟିୟାର (ମୃତ), ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା

ବନାମ

ରାମାସାମୀ ଗୌଣ୍ଡର ଏବଂ ଅନ୍ୟଜଣେ

ଏପ୍ରିଲ 17, 2001

[ଡି. ପି. ମହାପାତ୍ର ଏବଂ ବ୍ରିଜେଶ କୁମାର, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ କାର୍ଯ୍ୟବିଧି ସଂହିତା, 1908:ଆଦେଶ 21, ନିୟମ 90 ଓ 92 ଏବଂ ଆଦେଶ 34 ନିୟମ 5, ନିଲାମୀ ବିକ୍ରି— ନିଶ୍ଚିତକରଣ— ଆପତ୍ତି —ଆଦେଶ 21, ନିୟମ 92 ଅନୁଯାୟୀ ଡିକ୍ରିରଣୀଙ୍କ ସମ୍ପତ୍ତିର ବିକ୍ରିକୁ ନିଶ୍ଚିତ କରାଯାଇଛି— ଆଦେଶ 21 ନିୟମ 90 ଅନୁଯାୟୀ କରାଯାଇଥିବା ଆବେଦନକୁ ଖାରଜ କରାଯାଇଛି— ଆଦେଶ 21 ନିୟମ 90 ଅନୁଯାୟୀ, ଖାରଜ ବିରୋଧରେ କରାଯାଇଥିବା ଆବେଦନକୁ ଅପିଲିୟ ଅଦାଲତ ଖାରଜ କରିଦେଇଥିଲେ କିନ୍ତୁ ବିଚାରାଦେଶ ପରିମାଣକୁ ଜମା କରିବା ସର୍ତ୍ତରେ ବିକ୍ରିକୁ ଅଗ୍ରାହ୍ୟ କରିବାପାଇଁ, ଆଦେଶ 34 ନିୟମ 5 ଅନୁଯାୟୀ କରାଯାଇଥିବା ଆବେଦନକୁ ଅନୁମତି ଦେଇଥିଲେ— ଖାରଜ ହୋଇଥିବା ତାଙ୍କ ଆବେଦନ ବିରୋଧରେ ଡିକ୍ରିରଣୀଙ୍କ ଦ୍ୱାରା ଆଦେଶ 21 ନିୟମ 90 ଅନୁଯାୟୀ କୌଣସି ପୁନରୀକ୍ଷଣ ଆଗତ ହୋଇନାହିଁ— ତେବେ, ଉଚ୍ଚ ନ୍ୟାୟାଳୟ ନିଲାମୀ କ୍ରେତାଙ୍କ ପୁନରୀକ୍ଷଣ ଆବେଦନକୁ ଅନୁମତି ଦେଇଥିଲେ— ଏହାର ସଠିକତା— ନିର୍ଣ୍ଣୟ ହୋଇଛି:ଡିକ୍ରିରଣୀଙ୍କୁ ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ଅଦାଲତରେ ସମସ୍ତ ବକେୟା ରାଶି ଜମା କରିବା ଆବଶ୍ୟକ— ଆବେଦନ ବିଚାରଧୀନ ସମୟରେ, ଆଦେଶ 35 ନିୟମ 5 ଅନୁଯାୟୀ ଆଗତ ହୋଇଥିବା ଆବେଦନ ଅନୁରକ୍ଷଣୀୟ ଅଟେ— ଯେହେତୁ ଡିକ୍ରିରଣୀଙ୍କ ଦ୍ୱାରା, ତାଙ୍କ ଆବେଦନ ଖାରଜ ହେବା ବିରୋଧରେ କୌଣସି ପୁନରୀକ୍ଷଣ ଦାଖଲ କରାଯାଇ ନାହିଁ, ତେଣୁ ବିକ୍ରିର ନିଶ୍ଚିତକରଣ ଚୂଡ଼ାନ୍ତ ହୋଇଯାଇଛି— ଗୋଟିଏ ଆଦେଶରେ ଆବେଦନକୁ ଖାରଜ କରିବା ଏବଂ ଅନ୍ୟଗୋଟିଏ ଆଦେଶରେ ଆବେଦନକୁ ଗ୍ରହଣ କରିବା, ଏହି ଦୁଇଟି ବିରୋଧାଭାସୀ ଆଦେଶ ଏକାଠି ତିଷ୍ଠି ରହିପାରିବ ନାହିଁ— ତେଣୁ, ନିଲାମୀ-କ୍ରେତାଙ୍କ ଦ୍ୱାରା ଦାଖଲ ହୋଇଥିବା ପୁନରୀକ୍ଷଣ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ଅନୁମତି ଦେଇଛନ୍ତି ।*

**ଆବେଦନକାରୀ-ଡିକ୍ରିରଣୀ, ଉତ୍ତରଦାତା ସଂଖ୍ୟା 2 ଙ୍କ ସପକ୍ଷରେ ଦୁଇଗୋଟି ବନ୍ଧକଗ୍ରହୀତା ସୃଷ୍ଟି କରିଥିଲେ । ବନ୍ଧକ ଅର୍ଥର ପୁନରୁଦ୍ଧାର ପାଇଁ ବନ୍ଧକଗ୍ରହୀତା ଏକ ମକଦ୍ଦମା ଦାୟର କରିଥିଲେ, ଯାହାର ଫଏସଲା ହୋଇଥିଲା । ଉତ୍ତରଦାତା ସଂଖ୍ୟା 2- ନିଲାମୀ-କ୍ରେତା ମକଦ୍ଦମାରେ ଥିବା ସମ୍ପତ୍ତିକୁ ନିଲାମରେ କିଣିଥିଲେ । ଦେୱାନୀ କାର୍ଯ୍ୟବିଧି ସଂହିତା, 1908 ର ଆଦେଶ 21 ନିୟମ 92 ଅନୁଯାୟୀ ନିଲାମ ବିକ୍ରୟ ନିଶ୍ଚିତ ହୋଇଥିଲା ଏବଂ ନିଲାମ-ବିକ୍ରୟକୁ ରଦ୍ଦ କରିବା ପାଇଁ ସିପିସିର ଆଦେଶ 21 ନିୟମ 90 ଅନୁଯାୟୀ, ଆବେଦନକାରୀଙ୍କ ଦ୍ୱାରା ଆଗତ ହୋଇଥିବା ଆବେଦନକୁ ଖାରଜ କରାଯାଇଥିଲା ।**

**ତାଙ୍କ ଆବେଦନ ଖାରଜ ହେବା ବିରୋଧରେ, ଆବେଦନକାରୀ ସିପିସିର ଆଦେଶ 21 ନିୟମ 90 ଅନୁଯାୟୀ, ଏକ ଆବେଦନ ଆଗତ କରିଥିଲେ । ଆବେଦନକାରୀ ମଧ୍ୟ ବିଚାରାଦେଶ ପରିମାଣର ଜମା ଉପରେ ବିକ୍ରୟକୁ ରଦ୍ଦ କରିବାକୁ, ସିପିସିର ଆଦେଶ 34 ନିୟମ 5 ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ । ଅପିଲିୟ ଅଦାଲତ ଏହି ଆବେଦନକୁ ଖାରଜ କରିଥିଲେ କିନ୍ତୁ ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଆଗତ ହୋଇଥିବା ଆବେଦନକୁ ଅନୁମତି ଦେଇଥିଲେ ।**

**ଉତ୍ତରଦାତା ସଂଖ୍ୟା 2-ନିଲାମୀ-କ୍ରେତା, ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଆବେଦନକାରୀଙ୍କ ଆବେଦନକୁ ଅନୁମତି ଦେଇଥିବା ଆଦେଶ ବିରୁଦ୍ଧରେ ସିପିସିର ଧାରା 115 ଅଧୀନରେ ଉଚ୍ଚ ନ୍ୟାୟାଳୟରେ ଏକ ପୁନରୀକ୍ଷଣ ଆଗତ କରିଥିଲେ । ତେବେ ଆବେଦନକାରୀ ତାଙ୍କ ଆବେଦନ ଖାରଜ ହେବା ବିରୋଧରେ କୌଣସି ପୁନରୀକ୍ଷଣ ଆଗତ କରିନଥିଲେ । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ଅପିଲିୟ ଅଦାଲତଙ୍କ ଦୁଇଟି ଆଦେଶ ମଧ୍ୟରୁ ଗୋଟିଏ ଆଦେଶରେ ଆବେଦନକୁ ଖାରଜ କରିବା ଏବଂ ଅନ୍ୟ ଏକ ଆଦେଶରେ ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଆଗତ ହୋଇଥିବା ଆବେଦନକୁ ଅନୁମତି ଦେବା, ପରସ୍ପର ବିରୋଧାଭାସୀ ଥିଲା ତେଣୁ, ଉତ୍ତରଦାତା ସଂଖ୍ୟା 2 ଙ୍କ ଦ୍ୱାରା ଦାଖଲ ହୋଇଥିବା ପୁନରୀକ୍ଷଣକୁ ଅନୁମତି ଦିଆଯାଇଛି । ତେଣୁ ବର୍ତ୍ତମାନର ଏହି ଆବେଦନ ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ 1.1. ଦେୱାନୀ କାର୍ଯ୍ୟବିଧି ସଂହିତା, 1908 ର ଆଦେଶ 34 ନିୟମ 5 ର ଏକ ଅଧ୍ୟୟନ, ଏହା ସ୍ପଷ୍ଟ କରିବ ଯେ ନିର୍ଦ୍ଧାରିତ ଦିନ କିମ୍ବା ପୂର୍ବରୁ କିମ୍ବା ଉପ-ନିୟମ (3) ଅନୁଯାୟୀ ପାରିତ ଚୂଡ଼ାନ୍ତ ବିଚାରାଦେଶର ଅନୁସରଣରେ ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ଡିକ୍ରିରଣୀଙ୍କୁ ସମସ୍ତ ବକେୟା ରାଶି ଅଦାଲତରେ ଜମା କରିବା ଆବଶ୍ୟକ ।**

**1.2. ଏହି ମାମଲାରେ, ଏହା ସ୍ୱୀକାର କରାଯାଇଛି ଯେ, ଡିକ୍ରିରଣୀ, ସିପିସିର ଆଦେଶ 21 ନିୟମ 90 ଅନୁଯାୟୀ କରିଥିବା ଆପତ୍ତିଗୁଡ଼ିକ ଖାରଜ ହେବା ପରେ ଏବଂ ବିକ୍ରୟ ସ୍ଥିର ହେବା ପରେ, ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଏକ ଆବେଦନ କରାଯାଇଥିଲା, ଏହି ଆବେଦନ ସେହି ବିକ୍ରୟ ସ୍ଥିରୀକରଣ ନିର୍ଦ୍ଦେଶ ବିରୁଦ୍ଧରେ ଆବେଦନ ଚାଲୁଥିବା ସମୟରେ କରାଯାଇଥିଲା, ଯାହାକି ନିଷ୍ପାଦନ ଅଦାଲତ ପାରିତ କରିଥିଲେ । ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଆବେଦନର ଅନୁରାକ୍ଷଣୀୟତା ବିଷୟରେ ଡିକ୍ରିରଣୀଙ୍କ ତରଫରୁ ଉଠାଯାଇଥିବା ବିବାଦର ସଠିକତା ସନ୍ଦେହ ଘେରରେ ନାହିଁ । ବିକ୍ରୟ ନିଶ୍ଚିତ ହେବା ସତ୍ତ୍ୱେ, ସିପିସିର ଆଦେଶ 34 ନିୟମ 5 ତଥାପି ସେଠାରେ ଲାଗୁ ହେବ ଯେଉଁଠାରେ ନିଶ୍ଚିତକରଣ ଆଦେଶ ବିରୁଦ୍ଧରେ ଆବେଦନ ବିଚାରାଧୀନ ଅଛି, କାରଣ ଆବେଦନର ନିଷ୍ପତ୍ତି ଚୂଡ଼ାନ୍ତ ନହେବା ପର୍ଯ୍ୟନ୍ତ, ସେପର୍ଯ୍ୟନ୍ତ ବିକ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ବୋଲି ଧରାଯିବ ନାହିଁ ।**

*ମଗନଲାଲ ବନାମ ମେସର୍ସ ଜୟସୱାଲ ଇଣ୍ଡଷ୍ଟ୍ରିଜ୍,* **[1989] 4 ଏସସିସି 344, ମାମଲା ଉପରେ ନିର୍ଭର କରାଯାଇଥିଲା ।**

*ଶ୍ରୀ ରଙ୍ଗ ନିଲୟମ ରାମ କୃଷ୍ଣ ରାଓ ବନାମ କାର୍ଦୋକୋରି ଚେଲ୍ଲାୟାମ୍ମା ଓରଫ ମଙ୍ଗାମ୍ମା,* **[1950] ଏସସିଆର୍ 806** ଏବଂ *ୟୁ. ନିଲନ ବନାମ କନ୍ନାୟାନ (ମୃତ) ଆଇନଗତ ପ୍ରତିନିଧିଙ୍କ ମାଧ୍ୟମରେ,* **[1999] 8 ଏସସିସି 511, ମାମଲାକୁ ଉଲ୍ଲେଖ କରାଯାଇଛି ।**

ଏସ୍. ଭି. ରାମଲିଙ୍ଗମ୍ ବନାମ କେ. ରାଜାଗୋପାଳ, (1975) 2 ଏମଏଲଜେ 494 (ମାଡ୍ରାସ) ଏବଂ ଭେଲିଆମ୍ମଲ୍ ବନାମ ସୁବ୍ରମଣ୍ୟମ ଆୟାର, (1964) 1 ଏମଏଲଜେ 275 (ମାଡ୍ରାସ), ମାମଲାକୁ ଅନୁମୋଦନ କରାଯାଇଛି ।

**2. ଆବେଦନରେ ଚୂଡ଼ାନ୍ତ ଆଦେଶ ପାରିତ ହେବା ପରେ ହିଁ ବିକ୍ରିର ନିଶ୍ଚିତକରଣ ସମ୍ପୂର୍ଣ୍ଣ ହେବ । ଏହାର କାରଣ ହେଉଛି ଯେ ଯଦି ଆବେଦନ ସଫଳ ହୁଏ, ତେବେ ବିକ୍ରିର କୌଣସି ନିଶ୍ଚିତତା ରହିବ ନାହିଁ ଏବଂ ଏପରି**

**ପରିସ୍ଥିତିରେ, ଆବେଦନ ବିଚାରଧୀନ ସମୟରେ, ସିପିସିର ଆଦେଶ 34 ନିୟମ 5 ଅଧୀନରେ ଦିଆଯାଇଥିବା ଏକ ଆବେଦନ, ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ଆଗତ କରାଯାଇଥିବା ବିବେଚନା କରାଯିବ ।**

*ଖାରାଇତି ଲାଲ୍ ବନାମ ରମିନ୍ଦର କୌର,* **[2000] 3 ଏସସିସି 664, ମାମଲା ଉପରେ ନିର୍ଭର କରାଯାଇଥିଲା ।**

**3.1. ଆବେଦନକାରୀ-ଡିକ୍ରିରଣୀଙ୍କ ଦ୍ୱାରା ସିପିସିର ଆଦେଶ 34 ନିୟମ 5 ଅଧୀନରେ, ଦାଖଲ ହୋଇଥିବା ଆବେଦନ କେବଳ ଆଦେଶ 21 ନିୟମ 90 ଅନୁଯାୟୀ ତାଙ୍କ ଆବେଦନ ଖାରଜ ହେବା ବିରୋଧରେ ତାଙ୍କ ଆବେଦନ ବିଚାରଧୀନ ସମୟରେ ଗ୍ରହଣ କରାଯାଇଥିଲା । ଯଦି ଉକ୍ତ ଆବେଦନଟି ବିଚାରାଧୀନ ନ ଥାନ୍ତା, ତେବେ ଡିକ୍ରିରଣୀଙ୍କୁ, ସିପିସିର ଆଦେଶ 34 ନିୟମ 5 ଅଧୀନରେ ଡିକ୍ରି ରାଶି ଇତ୍ୟାଦି ଜମା କରିବାକୁ ଅନୁମତି ଦେବାର କୌଣସି ସୁଯୋଗ ନଥିଲା କାରଣ ଆବେଦନ ଆଗତ ହେବା ପୂର୍ବରୁ ବିକ୍ରୟ ନିଶ୍ଚିତ ହୋଇଥିଲା । ଏଭଳି ପରିସ୍ଥିତିରେ, ମୁଖ୍ୟ ଆବେଦନରେ ପାରିତ ହୋଇଥିବା ଚୂଡ଼ାନ୍ତ ନିର୍ଦ୍ଦେଶ ସହିତ ଆବେଦନକାରୀମାନେ ନିଜକୁ ସମ୍ପୂର୍ଣ୍ଣ ଅସମ୍ପୃକ୍ତ ମନେ କରିପାରିବେ ନାହିଁ ।**

**3.2. ବାସ୍ତବତା ହେଉଛି ଯେ ଦୁଇଟି ଆଦେଶ ମଧ୍ୟରୁ, ଗୋଟିଏ ଆଦେଶରେ ଆବେଦନକୁ ଖାରଜ କରିବା ଏବଂ ଅନ୍ୟଟିରେ ଆବେଦନକୁ ଅନୁମତି ଦେବା, ଏକସଙ୍ଗରେ ତିଷ୍ଠି ପାରିବ ନାହିଁ, ବରଂ ସେଗୁଡ଼ିକ ପରସ୍ପର ବିରୋଧୀ ପ୍ରକୃତିର ହେବ ।**

*ୟୁ. ନିଲନ ବନାମ କନ୍ନାୟନ (ମୃତ), ଆଇନଗତ ପ୍ରତିନିଧିଙ୍କ ମାଧ୍ୟମରେ* **[1999] 8 ଏସସିସି 511, ଅନାବଶ୍ୟକ ବୋଲି ନିର୍ଣ୍ଣୟ ହୋଇଛି ।**

**4. ବିକ୍ରୟ ନିଶ୍ଚିତକରଣ ଆଦେଶ ବିରୁଦ୍ଧରେ ଆବେଦନ ଖାରଜ ହେବା ପରେ ଆବେଦନ ବିଚାରଧୀନ ସମୟରେ ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ, ଦାଖଲ ହୋଇଥିବା ଆବେଦନ, ବିକ୍ରୟ ନିଶ୍ଚିତକରଣର ପୂର୍ବ ସମୟ ସହିତ ଜଡିତ ହୋଇପାରିବ ନାହିଁ । ଏପରି ପରିସ୍ଥିତି ଆଦେଶ 34 ନିୟମ 5 ସିପିସି ଅଧୀନରେ ଆବଶ୍ୟକ ସମସ୍ତ ସର୍ତ୍ତ ପାଳନ କରିବାରେ ବିଫଳ ହେବ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 5073/1993

16.10.92 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ସି. ଆର. ପି. ସଂଖ୍ୟା 513/1990 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଏସ୍. ଶିବ ସୁବ୍ରମଣ୍ୟମ୍ ଏବଂ ଆର୍. ଆୟାମ୍ ପେରୁମାଲ୍ ଆବେଦନକାରୀଙ୍କ ପାଇଁ ।

କେ. କେ. ମଣି ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ବ୍ରିଜେଶ୍ କୁମାରଙ୍କ** ଦ୍ୱାରା । ଏହି ଆବେଦନ ଡିକ୍ରିରଣୀଙ୍କ ଦ୍ୱାରା ଦାଖଲ କରାଯାଇଛି, ଯାହା ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 16.10.1992 ରେ ଦେୱାନୀ ପୁନରୀକ୍ଷଣ ଆବେଦନ ସଂଖ୍ୟା 513 of 1990 ରେ ପାରିତ ରାୟ ଏବଂ ନିର୍ଦ୍ଦେଶ ବିରୁଦ୍ଧରେ ଅଟେ, ଏହା ଏକ ନିଷ୍ପାଦନ କାର୍ଯ୍ୟାନୁଷ୍ଠାନ ସହ ଜଡ଼ିତ, ଯେଉଁଥିରେ ସେଲମର ଅତିରିକ୍ତ

ଜିଲ୍ଲା ବିଚାରପତିଙ୍କ ଦ୍ୱାରା ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ କରାଯାଇଥିବା ଡିକ୍ରିଋଣୀଙ୍କ ଆବେଦନକୁ ଗ୍ରହଣକରି ପ୍ରଦାନ କରିଥିବା ଆଦେଶକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି ।

ସଂକ୍ଷିପ୍ତ ତଥ୍ୟ ହେଉଛି ଯେ ଭି. କେ. ପାଲାନିଆପ୍ପା ଚେଟ୍ଟିୟାର (ମୃତ ଏବଂ ଯାହାଙ୍କ ଆଇନଗତ ପ୍ରତିନିଧିମାନେ ଆବେଦନକାରୀ ଭାବରେ ନଥିରେ ଅଛନ୍ତି) ଦ୍ୱାରା, ଉତ୍ତରଦାତା ସଂଖ୍ୟା 2 ଏମ୍. କରୁପ୍ପସ୍ୱାମୀଙ୍କ ସପକ୍ଷରେ ଦୁଇଗୋଟି ବନ୍ଧକ ସୃଷ୍ଟି କରାଯାଇଥିଲା । ବନ୍ଧକ ଅର୍ଥର ପୁନରୁଦ୍ଧାର ପାଇଁ ବନ୍ଧକଗ୍ରହୀତା ଓ. ଏସ୍. ସଂଖ୍ୟା 863/1973 ଦାଖଲ କରିଥିଲେ । ଏହି ମକଦ୍ଦମାରେ ବିଚାରାଦେଶ ପ୍ରଦାନ କରାଯାଇଥିଲା ଏବଂ ସଲେମର ପ୍ରଥମ ଅତିରିକ୍ତ ଉପ-ବିଚାରପତିଙ୍କ ଦ୍ୱାରା ଏକ ପ୍ରାଥମିକ ବିଚାରାଦେଶ ପାରିତ ହୋଇଥିଲା ଏବଂ 3.7.1974ରେ ଚୂଡ଼ାନ୍ତ ବିଚାରାଦେଶ ପ୍ରଦାନ କରାଯାଇଥିଲା । ଡିକ୍ରି-ଧାରକ ଆର. ଇ. ପି. ସଂଖ୍ୟା 45/1980 ମାଧ୍ୟମରେ ବିଚାରାଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଆବେଦନ କରିଥିଲେ, ଯାହାର ଅନୁସରଣରେ, ଡିକ୍ରିଋଣୀଙ୍କ ସମ୍ପତ୍ତିକୁ 9.10.1980 ରେ ନିଲାମ କରାଯାଇଥିଲା । ଉତ୍ତରଦାତା ସଂଖ୍ୟା 1 ରାମସ୍ୱାମୀ ଗୌଣ୍ଡର ହେଉଛନ୍ତି ସମ୍ପତ୍ତିର ନିଲାମୀ କ୍ରେତା । ସିପିସିର ଆଦେଶ 21 ନିୟମ 92 ଅଧୀନରେ ନିଲାମୀ ବିକ୍ରୟକୁ, 3.11.1981 ରେ ନିଶ୍ଚିତ କରାଯାଇଥିଲା ଏବଂ ଆଦେଶ 21 ନିୟମ 90 ଅନୁଯାୟୀ, ଡିକ୍ରିଋଣୀଙ୍କ ଦ୍ୱାରା ଆଗତ କରାଯାଇଥିବା ଆବେଦନକୁ ଖାରଜ କରାଯାଇଥିଲା ।

ସିପିସିର ଆଦେଶ 21 ନିୟମ 90 ଅଧୀନରେ ଡିକ୍ରିଋଣୀଙ୍କ ଦ୍ୱାରା ଆଗତ ଆବେଦନର ଖାରଜ ଆଦେଶରେ ବ୍ୟଥିତ ହୋଇ ସେ ଅଗଷ୍ଟ, 1982 ରେ ଜିଲ୍ଲା ବିଚାରପତି, ସାଲେମଙ୍କ ଅଦାଲତରେ ସି. ଏମ୍. ଏ. ସଂଖ୍ୟା 78/1982 ନାମରେ ଏକ ଆବେଦନ ଆଗତ କରିଥିଲେ । ପରେ, ଏହା ଜଣାପଡିଥିଲା ଯେ ଡିକ୍ରିଋଣୀ ମଧ୍ୟ ସିପିସିର ଆଦେଶ 34 ନିୟମ 5 ଅଧୀନରେ ଏକ ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/1988 (ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 594/83 ପ୍ରଥମ ଅତିରିକ୍ତ ଜିଲ୍ଲା ବିଚାରପତି) ଆଗତ କରିଥିଲେ । ଏହା ମଧ୍ୟ ସ୍ପଷ୍ଟ କରେ ଯେ ରାଶି ଜମାକରିବାକୁ, ଡିକ୍ରିଋଣୀଙ୍କୁ ଅପିଲିୟ ନ୍ୟାୟାଳୟ ଦ୍ୱାରା ଅନୁମତି ଦିଆଯାଇଥିଲା ଯାହାକୁ ସେ 6.4.1985 ରେ ଜମା କରିଥିଲେ । ତେବେ, ସି. ଏମ୍. ଏ. ସଂଖ୍ୟା 78/1982 ଏବଂ ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/1988 ଶେଷରେ ସାଲେମର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ଚୂଡ଼ାନ୍ତ ଭାବେ ଫଏସଲା କରାଯାଇଥିଲା, ଯିଏ, ସି. ଏମ୍. ଏ. ସଂଖ୍ୟା 78/1982 କୁ 23.8.1988 ତାରିଖର ଆଦେଶ ଦ୍ୱାରା ଖାରଜ କରିଥିଲେ କିନ୍ତୁ ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/1988 କୁ ଅନୁମତି ଦେଇଥିଲେ । ବିଦ୍ୱାନ ଅପିଲିୟ ଅଦାଲତ, 2 ଏମ୍. ଏଲ୍. ଜେ. 1975 ପୃଷ୍ଠା 494 (*ଏସ୍. ଭି. ରାମଲିଙ୍ଗମ୍ ଏବଂ ଅନ୍ୟଜଣେ ବନାମ କେ. ରାଜାଗୋପାଳ ଏବଂ ଅନ୍ୟଜଣେ*) ଏବଂ (1964) 1 ଏମ୍. ଏଲ୍. ଜେ. ପୃଷ୍ଠା 275 (*ଭେଲିଆମ୍ମଲ୍ ବନାମ ସୁବ୍ରମଣ୍ୟମ ଆୟାର*) ରେ ରିପୋର୍ଟ ହୋଇଥିବା ଦୁଇଟି ନଜିର ଉପରେ ନିର୍ଭର କରିଥିଲେ, ଏହି ପ୍ରସ୍ତାବ ପାଇଁ ଯେ, ବିକ୍ରୟକୁ ରଦ୍ଦ କରିବା ପାଇଁ ସିପିସିର ଆଦେଶ 21 ନିୟମ 89 ଏବଂ 90 ଅଧୀନରେ ଆଗତ ହୋଇଥିବା ଆବେଦନ ଖାରଜ ହେବା ପରେ ଯଦି ସେହି ଖାରଜ ଆଦେଶ ବିରୁଦ୍ଧରେ ଅଦାଲତରେ ଏକ ଆବେଦନ ବିଚାରାଧିନ ଥାଏ, ତେବେ ମଧ୍ୟ ସିପିସିର ଆଦେଶ 34 ନିୟମ 5 ଅଧୀନରେ ଆଗତ କରାଯାଇଥିବା ଏକ ନୂତନ ଆବେଦନକୁ ଗ୍ରହଣ କରାଯାଇପାରିବ । ଉପରୋକ୍ତ ଦୁଇଟି ନଜିରକୁ ଦୃଷ୍ଟିରେ ରଖି ଯେଉଁ ଉକ୍ତି ଉପରେ ନିର୍ଭର କରାଯାଇଥିଲା, ତାହା ହେଉଛି ଯେ ଯଦିଓ ବିକ୍ରୟକୁ ରଦ୍ଦ କରିବା ପାଇଁ ଆଗତ ଆବେଦନକୁ ନିଷ୍ପାଦନ ଅଦାଲତ ଦ୍ୱାରା ଖାରଜ କରାଯାଇଥିଲା, ତଥାପି ଏପରି ଏକ ଆଦେଶ ବିରୁଦ୍ଧରେ ଆଗତ ହୋଇଥିବା ଆବେଦନ, ବିଶେଷଭାବରେ ଅପିଲିୟ ଅଦାଲତଙ୍କ ପାଖରେ ବିଚାରପାଇଁ ରହିଥାଏ ଏବଂ ଆବେଦନର ଫଏସଲା ନହେବା ପର୍ଯ୍ୟନ୍ତ ଚୁଡାନ୍ତ ବିକ୍ରୟ ନିଶ୍ଚିତକରଣ ହୋଇନଥାଏ । ଯେପରି ପୂର୍ବରୁ ଦର୍ଶାଯାଇଛି,

ଅପିଲିୟ ଅଦାଲତ, ସିପିସିର ଆଦେଶ 21 ନିୟମ 90 ଅଧୀନରେ, ବିକ୍ରୟକୁ ରଦ୍ଦ କରିବାପାଇଁ ଆଗତ କରାଯାଇଥିବା ଆବେଦନକୁ ନିଷ୍ପାଦନ ଅଦାଲତଙ୍କ ଖାରଜ ଆଦେଶ ବିରୋଧରେ ଆଗତ ହୋଇଥିବା ଆବେଦନକୁ ଖାରଜ କରି ଦେଇଛନ୍ତି, କିନ୍ତୁ ସିପିସିର ଆଦେଶ 34 ନିୟମ 5 ଅଧୀନରେ, ବିକ୍ରୟକୁ ବାତିଲ କରିବା କରିବା ପାଇଁ ଆଗତ ହୋଇଥିବା ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/1988 କୁ ଅନୁମତି ଦେଇଛନ୍ତି ।

ନିଲାମୀ କ୍ରେତା, ରାମସ୍ୱାମୀ ଗୌଣ୍ଡର, ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/1988 ରେ ଅନୁମତି ପାଇ, 23.8.1988 ତାରିଖର ଆଦେଶ ବିରୋଧରେ ସିପିସିର ଧାରା 115 ଅନୁଯାୟୀ ଦେୱାନୀ ପୁନରୀକ୍ଷଣ ଆଗତ କରିଥିଲେ । ସେମାନଙ୍କ ସି. ଏମ୍. ଏ. ସଂଖ୍ୟା 78/1982 କୁ ଖାରଜ କରାଯାଇଥିବା ଅପିଲିୟ ଆଦେଶର କୌଣସି ଅଂଶ ବିରୁଦ୍ଧରେ ଡିକ୍ରିରଣୀଙ୍କ ଦ୍ୱାରା କୌଣସି ପୁନରୀକ୍ଷଣ ଆଗତ କରାଯାଇଥିବା ଜଣାପଡୁ ନାହିଁ । ପୁନରୀକ୍ଷଣ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ସିପିସିର ଆଦେଶ 21 ନିୟମ 90 ଅନୁଯାୟୀ ଆଗତ କରାଯାଇଥିବା ଆବେଦନରେ ବିକ୍ରୟକୁ ରଦ୍ଦ କରିବାକୁ ମନା କରିଥିବା ନିଷ୍ପାଦନ ଅଦାଲତଙ୍କ ଆଦେଶ ବିରୋଧରେ, ଆବେଦନ ବିଚାରାଧୀନ ଥିବା ସମୟରେ ସିପିସିର ଆଦେଶ 34 ନିୟମ 5 ଅଧୀନରେ ଏକ ଆବେଦନ ଆଗତ କରିବାକୁ ଅନୁମତି ଦିଆଯାଇପାରିବ କାରଣ ପାରିତ ଆଦେଶ ଏକ ଅସ୍ପଷ୍ଟ ସ୍ଥିତିରେ ରହିବ ଏବଂ ଆବେଦନରେ ବିକ୍ରୟ ନିର୍ଦ୍ଦେଶ ରଦ୍ଦ ହେବା ପରେ, ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଦାଖଲ କରାଯାଇଥିବା ଆବେଦନଟି ନିଲାମୀ ବିକ୍ରୟର ନିଶ୍ଚିତକରଣ ପୂର୍ବରୁ ଦାଖଲ ହୋଇଛି ବୋଲି ଧରାଯିବ । କିନ୍ତୁ ବର୍ତ୍ତମାନର ମାମଲାର ତଥ୍ୟ ଅନୁଯାୟୀ, ପୁନରୀକ୍ଷଣ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଛନ୍ତି ଯେ, ଅପିଲିୟ ଅଦାଲତ ସେହି ସମାନ ଆଦେଶରେ ପ୍ରଥମେ ନିଲାମ ବିକ୍ରିକୁ ରଦ୍ଦ କରିବା ପାଇଁ ମନା କରିଦେଇଥିବା ନିଷ୍ପାଦନ ଅଦାଲତଙ୍କ ଆଦେଶ ବିରୁଦ୍ଧରେ କରାଯାଇଥିବା ସି. ଏମ୍. ଏ. ସଂଖ୍ୟା 78 of 1982 କୁ ଖାରଜ କରିଛନ୍ତି, ମାତ୍ର ତା'ପରେ ଆଦେଶ 34 ନିୟମ 5 ଅଧୀନରେ ଦାଖଲ ହୋଇଥିବା ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/1988 କୁ ଅନୁମତି ଦେଇଛନ୍ତି । ତେଣୁ ପର୍ଯ୍ୟବେକ୍ଷଣ ହୋଇଛି ଯେ ଏହି ଆଦେଶଟି ପରସ୍ପର ବିରୋଧୀ ଥିଲା, କାରଣ ବିକ୍ରୟକୁ ନିଶ୍ଚିତ କରିବା ସମୟରେ, ସିପିସିର ଆଦେଶ 34 ନିୟମ 5 ଅଧୀନରେ ଆବେଦନକୁ ଅନୁମତି ଦିଆଯାଇପାରିବ ନାହିଁ । ତେଣୁ ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଆଗତ ହୋଇଥିବା ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/1988 ରେ ପାରିତ ଆଦେଶକୁ ପୁନରୀକ୍ଷଣ ନ୍ୟାୟାଳୟ ଦ୍ୱାରା ଅଗ୍ରାହ୍ୟ କରାଯାଇଛି ।ଏହି ଆଦେଶକୁ, ଡିକ୍ରିରଣୀଙ୍କ ଦ୍ୱାରା ଆପତ୍ତି କରାଯାଇଛି ।

ଏହି ବିଷୟକୁ ବୁଝିବା ପାଇଁ, ଆମେ ପ୍ରାସଙ୍ଗିକ ବ୍ୟବସ୍ଥା ଉପରେ ଧ୍ୟାନ ଦେଇପାରିବା । ସିପିସିର ଆଦେଶ 21 ନିୟମ 89 ରେ ବ୍ୟବସ୍ଥା ରହିଛି ଯେ ଯେଉଁଠାରେ ଏକ ବିଚାରାଦେଶର କାର୍ଯ୍ୟକାରୀ ସମୟରେ ସ୍ଥାବର ସମ୍ପତ୍ତିର ବିକ୍ରି ହୋଇଛି, ସମ୍ପତ୍ତିରେ ଆଗ୍ରହୀ ଥିବା ଯେକୌଣସି ବ୍ୟକ୍ତି, ବ୍ୟବସ୍ଥାରେ ସୂଚିତ ହୋଇଥିବା ନିର୍ଦ୍ଦିଷ୍ଟ ପରିମାଣ ଜମା କରି ବିକ୍ରୟକୁ ରଦ୍ଦ କରିବା ପାଇଁ ଆବେଦନ କରିପାରିବେ । ଆଦେଶ 21 ନିୟମ 90 ରେ ବ୍ୟବସ୍ଥା ରହିଛି ଯଦି କୌଣସି ସମ୍ପତ୍ତିର ବିକ୍ରି ପ୍ରକ୍ରିୟାରେ କୌଣସି ପ୍ରକାରର ଅନିୟମିତତା କିମ୍ବା ଜାଲିଆତି ହୋଇଥାଏ, ତେବେ ସେହି ବିକ୍ରିକୁ ରଦ୍ଦ କରିବା ପାଇଁ ଅଦାଲତରେ ଆବେଦନ କରାଯାଇପାରିବ । ଆଦେଶ 21 ନିୟମ 92 ରେ ବ୍ୟବସ୍ଥା ରହିଛି ଯେ ଯେଉଁଠାରେ ନିୟମ 89 କିମ୍ବା ନିୟମ 90 ଅନୁଯାୟୀ କୌଣସି ଆବେଦନ କରାଯାଇ ନାହିଁ କିମ୍ବା ଯେଉଁଠାରେ ଏହିପରି ଆବେଦନ ଆଗତ କରାଯାଇଛି ଏବଂ ସେଥିରେ ଅନୁମତି ଦିଆଯାଇ ନାହିଁ, ତେବେ ଅଦାଲତ ବିକ୍ରୟକୁ ନିଶ୍ଚିତ କରି ଏକ ଆଦେଶ ପ୍ରଦାନ କରିବେ ଏବଂ ବିକ୍ରୟ ସମ୍ପୂର୍ଣ୍ଣ ହେବ ।

ନିର୍ବିବାଦିତ ଭାବରେ, ବର୍ତ୍ତମାନର ମାମଲାରେ, ବିକ୍ରୟ ନିଶ୍ଚିତ ହୋଇଥିଲା ଏବଂ ସିପିସିର ଆଦେଶ 21 ନିୟମ 92 ଅନୁଯାୟୀ ବିକ୍ରୟକୁ ସମ୍ପୂର୍ଣ୍ଣ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ରାୟରେ ବର୍ଣ୍ଣିତ ତଥ୍ୟରୁ ଏହା ମଧ୍ୟ ଜଣାପଡ଼େ ଯେ

ବିକ୍ରୟ ପ୍ରମାଣପତ୍ର ଜାରି କରାଯାଇଥିଲା ଏବଂ ନିଲାମୀ-କ୍ରେତାଙ୍କୁ ପ୍ରତୀକାତ୍ମକ ଦଖଲ ମଧ୍ୟ ପ୍ରଦାନ କରାଯାଇଥିଲା । ତେବେ ଏହି ଆବେଦନକୁ ସି. ଏମ୍. ଏ. ସଂଖ୍ୟା 78/1982 ଭାବରେ ଆଗତ କରାଯାଇଥିଲା, ଏହାର ବିଚାରାଧୀନ ସମୟରେ, ଆଦେଶ 34 ନିୟମ 5 ଅନୁଯାୟୀ ଆବେଦନ ଆଗତ କରାଯାଇଥିଲା । ସିପିସିର ଆଦେଶ 34 ନିୟମ 5 କୁ ନିମ୍ନମତେ ପାଠ କରାଯାଏ:-

"5. ବିକ୍ରି ପାଇଁ ମକଦ୍ଦମାରେ ଚୂଡ଼ାନ୍ତ ବିଚାରାଦେଶ - (1) ଏହି ନିୟମର ଉପ-ନିୟମ (3) ଅନୁଯାୟୀ ପାରିତ ଚୂଡ଼ାନ୍ତ ବିଚାରାଦେଶ ଅନୁଯାୟୀ ବିକ୍ରୟ ନିଶ୍ଚିତ ହେବା ଦିନ କିମ୍ବା ତା 'ପୂର୍ବରୁ କୌଣସି ସମୟରେ, ପ୍ରତିବାଦୀ, ନିୟମ 4 ର ଉପ-ନିୟମ (1) ଅନୁଯାୟୀ ତାଙ୍କ ଠାରୁ ସମସ୍ତ ବକେୟା ରାଶି ଅଦାଲତରେ ପ୍ରଦାନ କରନ୍ତି, ତେବେ ଅଦାଲତ, ଏହି ତରଫରୁ ପ୍ରତିବାଦୀଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ, ଏକ ଚୂଡ଼ାନ୍ତ ବିଚାରାଦେଶ ପ୍ରଦାନ କରିବେ କିମ୍ବା, ଯଦି ଏପରି ବିଚାରାଦେଶ ପାରିତ ହୋଇଛି, -

(a) ପ୍ରାଥମିକ ବିଚାରାଦେଶରେ ସୂଚିତ ଦସ୍ତାବିଜ ଗୁଡ଼ିକ ପ୍ରଦାନ କରିବାକୁ ବାଦୀଙ୍କୁ ଏକ ଆଦେଶରେ ନିର୍ଦ୍ଦେଶ ଦେବା, ଏବଂ ଯଦି ଆବଶ୍ୟକ ହୁଏ;

(b) ଉକ୍ତ ବିଚାରାଦେଶରେ, ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ବନ୍ଧକ ସମ୍ପତ୍ତି ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେବା, ଏବଂ ଆବଶ୍ୟକ ହେଲେ;

(c) ପ୍ରତିବାଦୀଙ୍କୁ ସମ୍ପତ୍ତି ଦଖଲରେ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେବା ।

(2) ଯଦି ବନ୍ଧକ ରଖାଯାଇଥିବା ସମ୍ପତ୍ତି କିମ୍ବା ତାର କୌଣସି ଅଂଶ ଏହି ନିୟମର ଉପ-ନିୟମ (3) ଅନୁଯାୟୀ ପାରିତ ହୋଇଥିବା ଏକ ବିଚାରାଦେଶ ବଳରେ ବିକ୍ରି ହୋଇସାରିଥାଏ, ତେବେ ଅଦାଲତ ଉପ-ନିୟମ (1) ଅନୁଯାୟୀ କୌଣସି ଆଦେଶ ସେତେବେଳ ପର୍ଯ୍ୟନ୍ତ ଦେବେ ନାହିଁ, ଯେ ପର୍ଯ୍ୟନ୍ତ ପ୍ରତିବାଦୀ, କ୍ରୟ-ଅର୍ଥର ପାଞ୍ଚ ପ୍ରତିଶତର ସମାନ ରାଶି, କ୍ରେତାଙ୍କ ଦ୍ୱାରା ଅଦାଲତରେ ପୈଠ କରାଯାଇନାହିଁ ।

ଯେଉଁଠାରେ, ଏପରି ଜମା କରାଯାଇଛି, କ୍ରେତା ତାଙ୍କ ଦ୍ୱାରା ଅଦାଲତରେ ଜମା କରାଯାଇଥିବା କ୍ରୟ-ଅର୍ଥର ପାଞ୍ଚ ପ୍ରତିଶତ ସମାନ ପରିମାଣର ଅର୍ଥ ଫେରସ୍ତ ପାଇବା ପାଇଁ ହକଦାର ହେବେ ।

(3) ଯେଉଁଠାରେ ଉପନିୟମ (1) ଅନୁଯାୟୀ ଦେୟ ପ୍ରଦାନ କରାଯାଇ ନାହିଁ, ଅଦାଲତ, ବାଦୀଙ୍କ ତରଫରୁ କରାଯାଇଥିବା ଆବେଦନ ଉପରେ, ଏକ ଚୂଡ଼ାନ୍ତ ବିଚାରାଦେଶ ପ୍ରଦାନ କରିବେ, ଯେଉଁଥିରେ ନିର୍ଦ୍ଦେଶ ଦେବେ ଯେ ବନ୍ଧକ ସମ୍ପତ୍ତି କିମ୍ବା ଏହାର ପର୍ଯ୍ୟାପ୍ତ ଅଂଶକୁ ବିକ୍ରୟ କରାଯିବ, ଏବଂ ନିୟମ 4 ର ଉପ-ନିୟମ (1) ରେ ପ୍ରଦାନ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ବିକ୍ରୟ କାରବାର କରାଯିବ ।

ଉପୋରୋକ୍ତ ବ୍ୟବସ୍ଥାର ଏକ ଅଧ୍ୟୟନ, ଏହା ସ୍ପଷ୍ଟ କରିବ ଯେ ନିର୍ଦ୍ଧାରିତ ଦିନ କିମ୍ବା ପୂର୍ବରୁ କିମ୍ବା ଉପ-ନିୟମ (3) ଅନୁଯାୟୀ ପାରିତ ଚୂଡ଼ାନ୍ତ ବିଚାରାଦେଶର ଅନୁସରଣରେ ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ଡିକ୍ରିରଣୀଙ୍କୁ ସମସ୍ତ ବକେୟା ରାଶି ଅଦାଲତରେ ଜମା କରିବା ଆବଶ୍ୟକ ।

ଏହି ମାମଲାରେ, ନିଃସନ୍ଦେହରେ, ଡିକ୍ରିରଣୀ, ସିପିସିର ଆଦେଶ 21 ନିୟମ 90 ଅନୁଯାୟୀ କରିଥିବା ଆପତ୍ତିଗୁଡ଼ିକ ଖାରଜ ହେବା ପରେ ଏବଂ ବିକ୍ରୟ ସ୍ଥିର ହେବା ପରେ, ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଏକ

ଆବେଦନ କରାଯାଇଥିଲା, ଏହି ଆବେଦନ ସେହି ବିକ୍ରୟ ସ୍ଥିରୀକରଣ ନିର୍ଦ୍ଦେଶ ବିରୁଦ୍ଧରେ ଆବେଦନ ଚାଲୁଥିବା ସମୟରେ କରାଯାଇଥିଲା, ଯାହାକି ନିଷ୍ପାଦନ ଅଦାଲତ ପାରିତ କରିଥିଲେ । ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଆବେଦନର ଅନୁରାକ୍ଷଣୀୟତା ବିଷୟରେ ଡିକ୍ରିରଣୀଙ୍କ ତରଫରୁ ଉଠାଯାଇଥିବା ଯୁକ୍ତିର ସଠିକତା ସନ୍ଦେହ ଘେରରେ ନାହିଁ ।ଏହି ପ୍ରସଙ୍ଗରେ ଏହି ନ୍ୟାୟାଳୟର ଏକ ନିର୍ଣ୍ଣୟକୁ, [1989] 4 ଏସସିସି 344 (*ମଗନଲାଲ ବନାମ ମେସର୍ସ ଜୟସୱାଲ ଇଣ୍ଡଷ୍ଟ୍ରିଜ୍, ନୀମାକ୍ ଏବଂ ଅନ୍ୟାମାନେ*) ମାମଲାରେ ସୂଚିତ କରାଯାଇଛି । ନିର୍ଣ୍ଣୟ ହୋଇଛି ଯେ ବିକ୍ରୟ ନିଶ୍ଚିତ ହେବା ସତ୍ତ୍ୱେ, ସିପିସିର ଆଦେଶ 34 ନିୟମ 5 ତଥାପି ସେଠାରେ ଲାଗୁ ହେବ ଯେଉଁଠାରେ ନିଶ୍ଚିତକରଣ ଆଦେଶ ବିରୁଦ୍ଧରେ ଆବେଦନ ବିଚାରାଧୀନ ଅଛି, କାରଣ ଆବେଦନର ନିଷ୍ପତ୍ତି ଚୂଡ଼ାନ୍ତ ନହେବା ପର୍ଯ୍ୟନ୍ତ, ସେପର୍ଯ୍ୟନ୍ତ ବିକ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ବୋଲି ଧରାଯିବ ନାହିଁ । [1950] ଏସସିଆର୍ 806 ରେ (*ଶ୍ରୀ ରଙ୍ଗ ନିଲୟମ୍ ରାମ କୃଷ୍ଣ ରାଓ ବନାମ କାଣ୍ଡୋକୋରି ଚେଲ୍ଲାୟାମ୍ମା ଓରଫ୍ ମଙ୍ଗାମ୍ମା ଏବଂ ଅନ୍ୟଜଣେ*) ସୂଚିତ ହୋଇଥିବା ଏକ ମାମଲା ସମେତ ଏହି ନ୍ୟାୟାଳୟର କିଛି ପୂର୍ବ ନିଷ୍ପତ୍ତି ଉପରେ ନିର୍ଭର କରାଯାଇଥିଲା । *ମଗନଲାଲଙ୍କ* ମାମଲାରେ (ଉପରୋକ୍ତ) ପ୍ରଦାନ କରାଯାଇଥିବା ରାୟର ଅନୁଚ୍ଛେଦ 14 ରେ, ସେମାନଙ୍କ ପ୍ରଭୁତ୍ୱ ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କରିଥିଲେ:-

> "14. ଏହି ପ୍ରସଙ୍ଗରେ ଆମର ମତ ହେଉଛି ଯେ ଯଦି ସଂହିତାର ଆଦେଶ XXXIV, ନିୟମ 5 ରେ ପ୍ରଦାନ କରାଯାଇଥିବା ବ୍ୟବସ୍ଥାକୁ ବର୍ତ୍ତମାନ ମାମଲାର ତଥ୍ୟ ପାଇଁ ପ୍ରଯୁଜ୍ୟ ବୋଲି ଧରାଯାଏ, ତେବେ ଏହା ଅଧୀନରେ ଉପଯୁକ୍ତ ନିଦାନ ମଞ୍ଜୁର କରାଯାଇପାରିବ କାରଣ ପ୍ରଥମ କ୍ରେତାଙ୍କ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ବିକ୍ରିର ନିଶ୍ଚିତକରଣ ଆଦେଶ ସେହି ଆଦେଶ ବିରୁଦ୍ଧରେ ଏହି ଅପିଲଗୁଡ଼ିକର ବିଚାରଧୀନତା ହେତୁ ସମ୍ପୂର୍ଣ୍ଣ ହୋଇନାହିଁ କିମ୍ବା ମଗନଲାଲଙ୍କ ବନ୍ଧକ ମୁକ୍ତି ଅଧିକାର ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ ।"

ନିକଟରେ ପ୍ରଦାନ କରାଯାଇଥିବା ଏହି ନ୍ୟାୟାଳୟଙ୍କ ଦୁଇଟି ନିଷ୍ପତ୍ତି ଉପରେ ନିର୍ଭର କରାଯାଇଛି, ଯେଉଁଥିରୁ ଗୋଟିଏକୁ [1999] 8 ଏସସିସି 511 [*ୟୁ. ନିଲନ ବନାମ କନ୍ନାୟନ, (ମୃତ) ଆଇନଗତ ପ୍ରତିନିଧିଙ୍କ ମାଧ୍ୟମରେ*] ରେ ସୂଚିତ କରାଯାଇଛି ।

ଏହି ପ୍ରସଙ୍ଗରେ ପୂର୍ବ ନିଷ୍ପତ୍ତିର ସମ୍ପୂର୍ଣ୍ଣ ପରିସରକୁ ବିଚାରକୁ ନେଇ ଏହା ନିର୍ଣ୍ଣୟ ହୋଇଛି ଯେ ଆବେଦନରେ ଚୂଡ଼ାନ୍ତ ଆଦେଶ ପାରିତ ହେବା ପରେ ହିଁ ବିକ୍ରିର ନିଶ୍ଚିତକରଣ ସମ୍ପୂର୍ଣ୍ଣ ହେବ । ଏହାର କାରଣ ହେଉଛି ଯେ ଯଦି ଆବେଦନ ସଫଳ ହୁଏ, ତେବେ ବିକ୍ରିର କୌଣସି ନିଶ୍ଚିତତା ହେବ ନାହିଁ ଏବଂ ଏପରି ପରିସ୍ଥିତିରେ, ଆବେଦନ ବିଚାରଧୀନ ସମୟରେ ସିପିସିର ଆଦେଶ 34 ନିୟମ 5 ଅଧୀନରେ ଆଗତ କରାଯାଇଥିବା ଏକ ଆବେଦନକୁ ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ଆଗତ କରାଯାଇଥିବା ପରି ବିବେଚନା କରାଯିବ । [2000] 3 ଏସସିସି 664 (*ଖରାଇତି ଲାଲ୍ ବନାମ ରମିନ୍ଦର କୌର ଏବଂ ଅନ୍ୟମାନେ*) ରେ ସୂଚିତ ହୋଇଥିବା ଅନ୍ୟ ଏକ ନିର୍ଣ୍ଣୟରେ ସମାନ ମତ ଦୋହରାଯାଇଛି ।

ତଥାପି, ଉତ୍ତରଦାତାମାନଙ୍କ ବିଦ୍ୱାନ ଅଧିବକ୍ତା, ଉପସ୍ଥାପନ କରିଥିଲେ ଯେ ବର୍ତ୍ତମାନର ମାମଲାରେ, ଯଦିଓ ଏହା ସତ୍ୟ ଯେ ଡିକ୍ରିରଣୀଙ୍କୁ ଆବେଦନ ସଂଖ୍ୟା 78/1982 ର ବିଚାରଧୀନତା ସମୟରେ ଆଗତ ଏକ ଆବେଦନ ଉପରେ ରାଶି ଜମା କରିବାକୁ ଅନୁମତି ଦିଆଯାଇଥିଲା, କିନ୍ତୁ ଶେଷରେ ଏକ ଆଦେଶ ମାଧ୍ୟମରେ, ଉକ୍ତ ଆବେଦନ ଅର୍ଥାତ୍ ସି. ଏମ୍. ଏ. ସଂଖ୍ୟା 78/1982 କୁ ଖାରଜ କରାଯାଇଥିଲା, ଅର୍ଥାତ୍, ବିକ୍ରିର ନିଶ୍ଚିତକରଣ ଆଦେଶ ବଳବତ୍ତର ରହିଥିଲା, କିନ୍ତୁ ଅନ୍ୟ ପକ୍ଷରେ, ସିପିସିର ଆଦେଶ 34 ନିୟମ 5 ଅଧୀନରେ ଆଗତ ହୋଇଥିବା ଆବେଦନକୁ ଅନୁମତି ଦିଆଯାଇଥିଲା । ଏପରି ପରିସ୍ଥିତିରେ, ଏହା କୁହାଯାଇପାରିବ ନାହିଁ ଯେ ସିପିସିର ଆଦେଶ 34 ନିୟମ 5 ଅଧୀନରେ

ଆଗତ କରାଯାଇଥିବା ଆବେଦନ, କୌଣସି ପ୍ରକାରେ, ବିକ୍ରୟ ନିଶ୍ଚିତକରଣ ପୂର୍ବର କୌଣସି ସମୟ ସହ ସମ୍ବନ୍ଧିତ ବୋଲି କୁହାଯାଇପାରିବ ନାହିଁ । ସେହି ସ୍ଥିତିକୁ କେବଳ ସେହି କ୍ଷେତ୍ରରେ ବିବେଚନା କରାଯାଇପାରିବ ଯେତେବେଳେ ସି. ଏମ୍. ଏ. ସଂଖ୍ୟା 78/1982 ଆବେଦନରେ ଅନୁମତି ଦିଆଯାଇଥିଲା ଏବଂ ବିକ୍ରିର ନିଶ୍ଚିତକରଣ ଆଦେଶକୁ ରଦ୍ଦ କରିଦିଆଯାଇଥିଲା । ତେଣୁ, ସିପିସିର ଆଦେଶ 34 ନିୟମ 5 ର ଆବଶ୍ୟକତା, ଯେଉଁଥିରେ ନିର୍ଦ୍ଧାରିତ ତାରିଖରେ ବା ବିକ୍ରୟ ନିଶ୍ଚିତକରଣ ପୂର୍ବରୁ ଅଦାଲତରେ ଟଙ୍କା ଜମା କରିବା କଥା କୁହାଯାଇଛି, ତାହା ପୂରଣ ହୋଇନାହିଁ । ତଥାପି ଅନ୍ୟ ଏକ ତଥ୍ୟ, ଯାହା ଉଲ୍ଲେଖନୀୟ, ତାହା ହେଉଛି ଡିକ୍ରିଋଣୀ ଆବେଦନ ସଂଖ୍ୟା 78/1982 କୁ ଖାରଜ କରିଥିବା ଆଦେଶର କୌଣସି ଅଂଶ ବିରୁଦ୍ଧରେ କୌଣସି ପୁନରୀକ୍ଷଣ ଆଗତ କରିନାହାନ୍ତି । ତେଣୁ, ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶଟି ଚୂଡ଼ାନ୍ତ ରୂପ ନେଇଥିଲା । କୌଣସି ପ୍ରକାରେ, ଏହା କୁହାଯାଇପାରିବ ନାହିଁ ଯେ ସିପିସିର ଆଦେଶ 34 ନିୟମ 5 ଅଧୀନରେ ଆଗତ କରାଯାଇଥିବା ଆବେଦନ, ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ଆଗତ କରାଯାଇଛି ବୋଲି ବିବେଚନା କରାଯାଇପାରିବ ।

ଉପରୋକ୍ତ ପ୍ରସଙ୍ଗରେ ଆବେଦନକାରୀଙ୍କ ବିଦ୍ୱାନ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ ଥରେ ଅଦାଲତ ସିପିସିର ଆଦେଶ 34 ନିୟମ 5 ଅଧୀନରେ ଆଗତ ଏକ ଆବେଦନରେ ଜମା କରିବାକୁ ଅନୁମତି ଦେଇଛନ୍ତି, ଆବେଦନ ସଂଖ୍ୟା 78/1982 ରେ ପାରିତ ଖାରଜ ଆଦେଶର ଅଂଶକୁ ଆପତ୍ତି କରିବାର ଆବଶ୍ୟକତା ନାହିଁ । ଆମ ମତରେ, ଏହା ଏକ ଅତ୍ୟନ୍ତ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବ । ଏହା ଉପସ୍ଥାପନ କରାଯାଇ ନାହିଁ ଯେ ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ସି. ପି. ସି. ର ଆଦେଶ 34 ନିୟମ 5 ଅନୁଯାୟୀ ଏକ ଆବେଦନ ଆଗତ କରିବାର ସର୍ତ୍ତ ଏକ ବାଧ୍ୟତାମୂଳକ ପୂର୍ବ-ସର୍ତ୍ତ ନୁହେଁ । ଏପରି ଆବେଦନ ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ଆଗତ କରାଯାଇଛି ବୋଲି ବିବେଚନା କରାଯାଇପାରେ, ଆବେଦନକୁ ଅନୁମତି ମିଳିବା ପରେ, ଅର୍ଥାତ ସିଏମଏ ସଂଖ୍ୟା 78/82 ବିଚାରାଧୀନ ସମୟରେ ଟଙ୍କା ଜମା କରାଯାଇଥିଲା । ଆବେଦନ ସଂଖ୍ୟା 78/1982 ଖାରଜ ହେବାର ପରିଣାମ ସ୍ୱରୂପ, ସିପିସିର ଆଦେଶ 34, ନିୟମ 5 ଅନୁଯାୟୀ ଆଗତ ହୋଇଥିବା ଏକ ଆବେଦନ ପାଇଁ ଧାର୍ଯ୍ୟ ସର୍ତ୍ତ ପୂରଣ ହୋଇନାହିଁ ।

ଆବେଦନକାରୀଙ୍କ ବିଦ୍ୱାନ ଅଧିବକ୍ତା ଉପସ୍ଥାପନ କରିଛନ୍ତି ଯେ ଉଭୟ ମାମଲାକୁ ଏକ ସମାନ ଆଦେଶ ଦ୍ୱାରା ଫଏସଲା କରାଯାଇଛି ଏବଂ ଆଦେଶ 34 ନିୟମ 5 ଅନୁଯାୟୀ ଆଗତ କରାଯାଇଥିବା ଆବେଦନକୁ ପ୍ରଥମେ ଅନୁମତି ଦିଆଯାଇଥିଲା ଏବଂ ତା 'ପରେ ଆବେଦନକୁ ଖାରଜ କରାଯାଇଥିଲା, କିମ୍ବା ଏକାସାଙ୍ଗରେ ଯେକୌଣସି ମାମଲାରେ । ଆମେ ଅନୁଭବ କରୁଛୁ ଯେ ଏଥିରୁ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ ପରିଣାମ ବାହାରିବ ନାହିଁ । ଯେହେତୁ ଏପରି ଏକ ତର୍କ ଉଠାଯାଇଛି, ଏହା ଧ୍ୟାନ ଦେବାକୁ ହେବ ଯେ ଅପିଲିୟ ନ୍ୟାୟାଳୟ ପ୍ରଥମେ ଆବେଦନ ସଂଖ୍ୟା 78/1982 କୁ ବିଚାର କରିଥିଲେ ଏବଂ ଏହାକୁ ଖାରଜ କରିଦେଇଥିଲେ । ତା'ପରେ, ରାୟର ପରବର୍ତ୍ତୀ ଭାଗରେ, ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/1988 କୁ ଅନୁମତି ଦେଇ ଏହାର ଫଏସଲା କରାଗଲା, କହିବାକୁ ଗଲେ, ପ୍ରଥମେ ବିକ୍ରୟ ନିଶ୍ଚିତକରଣ ଆଦେଶକୁ କାଏମ ରଖାଗଲା ଏବଂ ଏହା ବିରୁଦ୍ଧରେ ଥିବା ଆପତ୍ତିଗୁଡ଼ିକୁ ଖାରଜ କରିଗଲା । ସାଧାରଣ ଭାବରେ, ଏହା ଉପସ୍ଥାପନ କରାଯାଇଛି ଯେ ଆବେଦନ ସଂଖ୍ୟା 78/82 କୁ ଖାରଜ କରିବା ପରେ, ଅପିଲିୟ ଅଦାଲତ ଅନ୍ୟ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ଉଚିତ୍ ହୋଇଥାନ୍ତା ଯେହେତୁ ସିପିସିର ଆଦେଶ 34, ନିୟମ 5 ଅଧୀନରେ ଆଗତ ହୋଇଥିବା ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/88, ବିକ୍ରୟ ନିଶ୍ଚିତ ହେବା ପୂର୍ବରୁ ଆଗତ କରାଯାଇ ନାହିଁ ।

ଏହା ପୂର୍ବରୁ ସୂଚିତ ହୋଇସାରିଛି ଯେ ଡିକ୍ରିଋଣୀ ଅପିଲିୟ ଅଦାଲତଙ୍କ ଆଦେଶକୁ ଆପତ୍ତି କରିନଥିଲେ ଯାହାଙ୍କ ଦ୍ୱାରା ତାଙ୍କ ଆବେଦନ ସଂଖ୍ୟା 78/82 କୁ ଖାରଜ କରାଯାଇଥିଲା । ଅନ୍ୟପକ୍ଷରେ, ଡିକ୍ରିଦାର, ଅପିଲିୟ

ଅଦାଲତଙ୍କ ସେହି ନିର୍ଦ୍ଦେଶକୁ ଆପତ୍ତି କରିଥିଲେ, ଯେଉଁଥିରେ ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ ଦାଖଲ ହୋଇଥିବା ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/88 କୁ ଅନୁମତି ଦିଆଯାଇଥିଲା । ଆବେଦନକାରୀଙ୍କ ବିଦ୍ୱାନ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ ଯେଉଁ ଆଦେଶ ଦ୍ୱାରା ତାଙ୍କ ଆବେଦନ ସଂଖ୍ୟା 78/82 ଖାରଜ ହୋଇଥିଲା ତାହାକୁ ଆପତ୍ତି କରିବାର ଆବଶ୍ୟକତା ନାହିଁ କାରଣ ସିପିସିର ଆଦେଶ 34 ନିୟମ 5 ଅନୁଯାୟୀ କରାଯାଇଥିବା ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 65/88 କୁ ଅନୁମତି ଦିଆଯାଇଥିଲା ଏବଂ ଆବେଦନକାରୀଙ୍କୁ ଅଦାଲତରେ ରାଶି ଜମା କରିବାକୁ ଅନୁମତି ଦିଆଯାଇଥିଲା । ଆମେ ଏହି ତର୍କକୁ ବୁଝିବାରେ ବିଫଳ ହେଉଛୁ । ଆବେଦନକାରୀ-ଡିକ୍ରିରଣୀଙ୍କ ଦ୍ୱାରା ସିପିସିର ଆଦେଶ 34, ନିୟମ 5 ଅଧୀନରେ ଆଗତ କରାଯାଇଥିବା ଆବେଦନକୁ, କେବଳ ଆବେଦନ ସଂଖ୍ୟା 78/82 ର ବିଚାରଧୀନତା ସମୟରେ ଗ୍ରହଣ କରାଯାଇଥିଲା । ଯଦି ଉକ୍ତ ଆବେଦନଟି ବିଚାରାଧୀନ ନ ଥାନ୍ତା, ତେବେ ସି. ପି. ସି. ର ଆଦେଶ 34 ନିୟମ 5 ଅନୁଯାୟୀ ଡିକ୍ରିରଣୀଙ୍କୁ ଡିକ୍ରି ପରିମାଣ ଇତ୍ୟାଦି ଜମା କରିବାକୁ ଅନୁମତି ଦେବାର କୌଣସି ସୁଯୋଗ ନଥିଲା କାରଣ ଆବେଦନ ଆଗତ ହେବା ପୂର୍ବରୁ ବିକ୍ରୟ ନିଶ୍ଚିତ ହୋଇଥିଲା । ଏଭଳି ପରିସ୍ଥିତିରେ, ମୁଖ୍ୟ ଆବେଦନରେ ପାରିତ ହୋଇଥିବା ଚୂଡ଼ାନ୍ତ ନିର୍ଦ୍ଦେଶ ସହିତ ଆବେଦନକାରୀମାନେ ନିଜକୁ ସମ୍ପୂର୍ଣ୍ଣ ଅସମ୍ପୃକ୍ତ ମନେ କରିପାରିବେ ନାହିଁ । ଆବେଦନ ଖାରଜ ହେବା, ବିକ୍ରିକୁ ନିଶ୍ଚିତ କରିବ, ଯାହା ଆବେଦନର ବିଚାରଧୀନ ସମୟରେ ଅସ୍ପଷ୍ଟ ଅବସ୍ଥାରେ ଥିଲା । ଆବେଦନ ବିଚାରଧୀନ ସମୟରେ ଅର୍ଥ ଜମା ଉପରେ କେଉଁ ଉପଯୁକ୍ତ ଆଦେଶ ପ୍ରଦାନ କରାଯାଇ ପାରିଥାନ୍ତା କିମ୍ବା କରାଯିବା ଉଚିତ ଥିଲା ସେ ବିଷୟରେ ଆମେ ଏଠାରେ, ଏହି ପର୍ଯ୍ୟାୟରେ, ବିଚାର କରୁନାହୁଁ । ବାସ୍ତବତା ହେଉଛି ଯେ ଦୁଇଟି ଆଦେଶ ମଧ୍ୟରୁ, ଗୋଟିଏରେ ଆବେଦନକୁ ଖାରଜ କରିବା ଏବଂ ଅନ୍ୟଟିରେ ଆବେଦନକୁ ଅନୁମତି ଦେବା ଏକସଙ୍ଗରେ ତିଷ୍ଠି ରହିବ ନାହିଁ, ବରଂ ସେଗୁଡ଼ିକ ସ୍ୱ-ବିରୋଧାଭାସ ପ୍ରକୃତିର ହେବ । *ୟୁ. ନିଳନ* (ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା କିଛି ମାତ୍ରାରେ ସମାନ ତଥ୍ୟ ଏବଂ ପରିସ୍ଥିତିକୁ ବିଚାରକୁ ନିଆଯାଇଥିଲା ।ସେଠାରେ ଏହା ମଧ୍ୟ ଜଣାପଡୁଛି କି ଅନେକ ଆବେଦନ ଦାଖଲ କରାଯାଇଥିଲା, ଯାହା ଶେଷରେ ଦୁଇଟି ପରସ୍ପର ବିରୋଧୀ ଆଦେଶର କାରଣ ସାଜିଥିଲା । ପରସ୍ପର ବିରୋଧୀ ଆଦେଶର ଅସ୍ତିତ୍ୱ ବିଷୟରେ ଡିକ୍ରିଦାରଙ୍କ ତରଫରୁ ଉଠାଯାଇଥିବା ତର୍କ ଏବଂ ଡିକ୍ରିରଣୀ ତାଙ୍କ ଆବେଦନ ଖାରଜ ହେବା ବିରୋଧରେ ଏହି ନ୍ୟାୟାଳୟକୁ ଆସିନଥିବାରୁ, ଏହା ବୈଧ ବୋଲି ଜଣାପଡ଼ିଥିଲା, କିନ୍ତୁ ଏହା ପରିଲକ୍ଷିତ ହୋଇଥିଲା ଯେ ଅର୍ଥର ଜମା ଅନୁମତି ଦେବା ପରେ ଏବଂ ସିପିସିର ଆଦେଶ 34 ନିୟମ 5 (a) ଅନୁଯାୟୀ ଦସ୍ତାବିଜଗୁଡିକର ଫେରସ୍ତ ପାଇଁ ଏକ ଆଦେଶ ପାରିତ କରିବା ପରେ ଆବେଦନକୁ ଖାରଜ କରାଯିବା ଉଚିତ୍ ନଥିଲା । ପରିଶେଷରେ, ମାମଲାର ତଥ୍ୟ ଏବଂ ପରିସ୍ଥିତି ଏବଂ ଆଗତ ହୋଇଥିବା ସଂଖ୍ୟାଧିକ ଆବେଦନଗୁଡ଼ିକର ବିଚାରକୁ ନେଇ, ସିପିସିର ଆଦେଶ 41, ନିୟମ 33 ଅଧୀନରେ ଥିବା ନୀତିଗୁଡ଼ିକୁ ପ୍ରୟୋଗ କରି ଏହା ପର୍ଯ୍ୟବେକ୍ଷଣ କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଡିକ୍ରିରଣୀଙ୍କ ବିରୋଧରେ ଦୁଇଟି ଆବେଦନରେ ପାରିତ ଆଦେଶକୁ, ଯଦିଓ ଆପତ୍ତି କରାଯାଇ ନାହିଁ, ପକ୍ଷମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ନ୍ୟାୟ କରିବା ଏବଂ ଅନୁରୂପ ଭାବରେ ଦୁଇଟି ପରସ୍ପର ବିରୋଧୀ ଆଦେଶକୁ ନିଶ୍ଚିତ କରିବା ପାଇଁ, ଅଗ୍ରାହ୍ୟ କରାଯିବା ଉଚିତ । ତେଣୁ, ସ୍ୱେଚ୍ଛାକୃତ ଭାବେ ଅପିଲିୟ ଆଦେଶଗୁଡିକ ରଦ୍ଦ ହୋଇଯାଇଥିଲା ।

ଏହି ମାମଲାରେ ଆବେଦନକାରୀଙ୍କ ବିଦ୍ୱାନ ଅଧିବକ୍ତା ସିପିସିର ଆଦେଶ 41, ନିୟମ 33 ଅଧୀନରେ ଥିବା ପ୍ରଯୁଜ୍ୟ ନୀତିଗୁଡ଼ିକର ପ୍ରୟୋଗ ବିଷୟରେ କୌଣସି ଉପସ୍ଥାପନ କରିନାହାଁନ୍ତି । ଅନ୍ୟ ପକ୍ଷରେ, ସେ ଉପସ୍ଥାପନ କରିଛନ୍ତି ଯେ ସେ ନିରପେକ୍ଷତା ଇତ୍ୟାଦି ଉପରେ କୌଣସି ପ୍ରଶ୍ନ ଉଠାଉ ନାହାଁନ୍ତି, ବରଂ ଆବେଦନକାରୀଙ୍କ ମାମଲା କେବଳ ଆଇନଗତ ସ୍ଥିତି ଉପରେ ଆଧାରିତ ଯାହା ଆମ ମତରେ ସ୍ପଷ୍ଟ ଯେ ବିକ୍ରୟ ନିଶ୍ଚିତକରଣ ଆଦେଶ ବିରୁଦ୍ଧରେ ଆବେଦନ ଖାରଜ ହେବା ପରେ, ଆବେଦନ ବିଚାରଧୀନ ସମୟରେ ସିପିସିର ଆଦେଶ 34, ନିୟମ 5 ଅଧୀନରେ ଦାଖଲ

ହୋଇଥିବା ଆବେଦନ, ବିକ୍ରୟ ନିଶ୍ଚିତକରଣର ପୂର୍ବ ସମୟ ସହିତ ଜଡିତ ହୋଇପାରିବ ନାହିଁ । ଏପରି ଏକ ପରିସ୍ଥିତି ସିପିସିର ଆଦେଶ 34 ନିୟମ 5 ଅଧୀନରେ ଥିବା ସମସ୍ତ ଆବଶ୍ୟକ ସର୍ତ୍ତ ପାଳନ କରିବାରେ ବିଫଳ ହେବ ।

ଉପରୋକ୍ତ ଆଲୋଚନାର ଫଳସ୍ୱରୂପ, ଆମେ ଆବେଦନରେ କୌଣସି ଯୋଗ୍ୟତା ପାଇନାହୁଁ ଏବଂ ସେହି ଅନୁଯାୟୀ ଏହାକୁ ଖାରଜ କରାଗଲା । ଖର୍ଚ୍ଚକୁ ସହଜ କରାଗଲା ।

ଭି. ଏସ୍. ଏସ୍.

ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।